

# ମହୁ

ମାନବ ସମାଜକୁ ମହୁ ପ୍ରକୃତିର ଏକ ମହତ ଦାନ । ମହୁକୁ ଶାସ୍ତ୍ରରେ ଅମୃତ ସହ ତୁଳନା କରାଯାଇଅଛି । ଯର୍ଜୁବେଦରେ "ମଧୁସୁକ୍ତ"ରେ ମହୁ ବିଷୟରେ ଏକ ସଂପୂର୍ଣ୍ଣ ଅଧ୍ୟାୟ ଉଲ୍ଲେଖ ଅଛି । ସମୟଥିଲା ଯେତେବେଳେ ଘରେ ନୂଆ ଶିଶୁଟିଏ ଜନ୍ମଗ୍ରହଣ କରିବା ମାତ୍ରେ ପରିବାରର ସମସ୍ତ ସଦସ୍ୟ ଶିଶୁଟିକୁ ମହୁ ଚଟେଇବାର ବିଧି ଥିଲା । ଏହା ଯେ କେବଳ ବିଧି ଥିଲା ତା ନୁହେଁ, ମହୁ ଖୁଆଇ ପରିବାରର ସଦସ୍ୟମାନେ ସେମାନଙ୍କର ସ୍ନେହ ଜାହିର କରୁଥିଲେ । ଏଣୁ ପୁରାତନ ଯୁଗରୁ ମଣିଷର ଦୈନନ୍ଦିନ ଚଳଣୀରେ ପିଲାଟିଏ ଜନ୍ମ ହେବାଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସବୁଥିରେ ମହୁ ବ୍ୟବହାର ହେବାର ଦୃଷ୍ଟାନ୍ତ ରହିଛି । ଚିନିର ପ୍ରଚଳନ ପୂର୍ବରୁ ମହୁ କେବଳ ମିଠାଭାବେ ବ୍ୟବହୃତ ହେଉ ଥିଲା । ଶସ୍ତା ଦାମରେ ଚିନି ମିଳିବା ପରେ ମହୁର ବ୍ୟବହାର ଆସ୍ତେ ଆସ୍ତେ ହ୍ରାସପାଇଛି । ପୁରାତନ ସଭ୍ୟତାରେ ମହୁର ଔଷଧୀୟ ଗୁଣ ଯୋଗୁଁ ଏହାକୁ ଆୟୁର୍ବେଦ ଔଷଧ ପ୍ରସ୍ତୁତିରେ ବହୁଳ ବ୍ୟବହାର କରାଯାଉଥିଲା ।

| ବିଭିନ୍ନ ଭାଷାରେ ନାମ | | |
|---|---|---|
| ହିନ୍ଦୀ | : | ସହଦ୍ |
| ବଙ୍ଗଳା | : | ମୌ |
| ସଂସ୍କୃତ | : | ମଧୁ |
| ତେଲଗୁ | : | ତେନି |
| ଇଂରାଜୀ | : | ହନି |

ମହୁରେ ପୋଟାସିୟମ୍, କାଲସିୟମ୍, ମ୍ୟାଗ୍ନେସିୟମ୍, ଲୌହ, ତମ୍ବା, ମାଙ୍ଗାନିଜ୍, ଫସ୍‌ଫରସ୍, ଗନ୍ଧକ, କ୍ଲୋରିନ୍ ଭଳି ଖଣିଜପଦାର୍ଥ ଆସେଟିକ୍, ବୁଟରିକ୍, ସାଇଟ୍ରିକ୍, ଫର୍ମିକ, ଗ୍ଲୁକୋନିକ, ମାଲେଇକ୍, ଲାକ୍ଟିକ୍, ସକିନିକ୍, ଟାର୍‌ଟାରିକ୍ ଭଳି ଅମ୍ଳ ପ୍ରୋଟିନ୍ ଓ ଆମିନୋ ଅମ୍ଳ, ଭିଟାମିନ୍ ବି-୧ ବା ଥାଇମିନ୍, ଭିଟାମିନ୍ ବି-୨ ବା ରିବୋଫ୍ଲୋବିନ୍, ନିଆମିନ୍ କିମ୍ବା ନିକୋଟିନିକ୍ ଅମ୍ଳ, ଭିଟାମିନ୍ ବି-୬ ବା ପାଇରିଡକ୍ସାଲ୍, ପାନ୍ଟୋଥେଟ୍‌ନିକ୍ ଅମ୍ଳ ଏବଂ ଭିଟାମିନ୍-ସି ବା ଆସ୍କୋରବିକ୍ ଅମ୍ଳ ମହଜୁଦ ଥାଏ ।

| ରାସାୟନିକ ସଂରଚନା | |
|---|---|
| ଆର୍ଦ୍ରତା | - ୧୭.୨% |
| ଲେଭୁଲୋଜ୍ | - ୩୮.୧୯% |
| ଡେକ୍ସ୍‌ଟ୍ରୋଜ୍ | - ୩୧.୨୮% |
| ମାଲ୍ଟୋଜ୍ | - ୭.୩୧% |
| ଶର୍କରା | - ୧.୫୦% |
| ଅନ୍ୟାନ୍ୟ ତତ୍ତ୍ୱ | - ୩.୧୦% |
| ପି.ଏଚ୍. | - ୩.୯୧% |
| ଅମ୍ଳ | - ୨୨.୦୩% |

ମହୁର ମିଠା ଏହାର ଶର୍କରା ପରିମାଣ ଉପରେ ନିର୍ଭର କରିଥାଏ । ବିଭିନ୍ନ ମହୁରେ ୭୦ ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ଶର୍କରା ଥାଏ । ଶର୍କରା ଜୀବନ ଧାରଣ ନିମନ୍ତେ ଶକ୍ତିର ଉତ୍ସ ଭାବେ କାର୍ଯ୍ୟ କରିଥାଏ । ଶର୍କରାରେ ଗ୍ଲୁକୋଜ ଓ ଫ୍ରୁକ୍ଟୋଜ ପ୍ରାୟ ସମାନ ପରିମାଣରେ ଥାଏ । ଏହା



ସହଜରେ ହଜମ ହୁଏ ଏବଂ ଶକ୍ତି ଯୋଗାଇଥାଏ । ଏହା ସିଧାସଳଖ ଭାବେ ରକ୍ତରେ ମିଶିଯାଏ ଏବଂ ମିଶିଗଲା ପରେ ସଙ୍ଗେ ସଙ୍ଗେ ପ୍ରଚୁର ଶକ୍ତି ପ୍ରଦାନ କରିଥାଏ । ମହୁରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଟ ରହିଛି । ଏକ କିଲୋଗ୍ରାମ ମହୁରେ ୩୦୦୦ କ୍ୟାଲୋରୀ କାର୍ବୋହାଇଡ୍ରେଟ ମହଜୁଦ ଥାଏ । ଗୋଟିଏ ଗ୍ରମଚ୍ ମହୁରେ ୧୦୦ କ୍ୟାଲୋରୀ କାର୍ବୋହାଇଡ୍ରେଟ ଥିବାର ପ୍ରମାଣ ମିଳିଛି ।

ମହୁରେ ଥିବା ପ୍ରୋଟିନ୍ ଓ ଆମିନୋ ଅମ୍ଳ ସାଧାରଣତଃ ବୃକ୍ଷରୁ ଆସିଥାଏ । ମହୁରେ ଅମ୍ଳ ଭିନ୍ନ ଭିନ୍ନ ମାତ୍ରାରେ ମହଜୁଦ ଥାଏ । ମଣିଷ ଶରୀର ବୃଦ୍ଧି ନିମନ୍ତେ ଆବଶ୍ୟକ ସମସ୍ତ ପ୍ରକାର ପ୍ରୋଟିନ୍ ଓ ଆମିନୋ ଅମ୍ଳ ମହୁରେ ଅଛି । ଭାରତରେ ମିଳୁଥିବା ମହୁରେ ସର୍ବାଧିକ ୧.୨ ପ୍ରତିଶତ ପ୍ରୋଟିନ୍ ଥାଏ । ମହୁରେ ପ୍ରାୟ ୧୮ ପ୍ରକାର ଆମିନୋ ଅମ୍ଳ ଥାଏ । ଏହି ଆମିନୋ ଅମ୍ଳ ମାନଙ୍କ ମଧ୍ୟରେ ପ୍ରୋଲିନ୍ ସର୍ବାଧିକ ଥାଏ ।

ଯଦିଓ ମହୁରେ ଥିବା ବିଭିନ୍ନ ପ୍ରକାରର ଭିଟାମିନ୍ ମଣିଷର ବିଶେଷ ଉପକାରରେ ଆସେନାହିଁ , କିନ୍ତୁ ଖାଦ୍ୟରେ ଏହା ଏକ ଅନୁପୂରକଭାବେ କାର୍ଯ୍ୟ କରିଥାଏ । ଏହି ଅନୁପୂରକ ଗୁଡ଼ିକ ହେଲା ଆସ୍କୋରବିକ୍ ଅମ୍ଳ, ନିଆସିନ୍, ପାେ ।ହେନିକ ଅମ୍ଳ, ରିବୋଫ୍ଲାଭିନ୍, ଥାୟାମିନ୍ ଓ ଭିଟାମିନ୍-ବି କମ୍ପ୍ଲେକ୍ସ ଏଗୁଡ଼ିକ କ୍ଷୁଧାବୃଦ୍ଧି କରିବା ସହ ଶକ୍ତି ବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ । ଏହା ମଧ୍ୟ ମଣିଷ ଶରୀରର ସ୍ନାୟୁକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

ମହୁରେ ଥିବା ଏନ୍‌ଜାଇମ୍ ସବୁ ମହୁମାଛିଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ । ଫୁଲରସକୁ ମହୁରେ ପରିବ ର୍ନ କରିବା ସମୟରେ ଏନ୍‌ଜାଇମ୍‌ଗୁଡ଼ିକୁ ମହୁମାଛି ଛାଡ଼ି ଦେଇଥାଏ, ଏମାନଙ୍କ ମଧ୍ୟରୁ ଇନ୍‌ଭର୍‌ଟେଜ୍ ଏନ୍‌ଜାଇମ୍ ଅନ୍ୟତମ । ଏହା ସି-୧୨ ସୁକ୍ରୋଜକୁ ଭାଙ୍ଗି ଦୁଇଟି ସି-୬ ଗ୍ଲୁକୋଜ ଓ ଫ୍ରୁକ୍ଟୋଜରେ ପରିଣତ କରିଥାଏ । ଏହାଛଡ଼ା ଏଥିରେ ଥିବା ଡାଇଆଷ୍ଟେଜ୍ ଗୋଟିଏ ହଜମକ୍ରିୟାରେ ସାହାଯ୍ୟ କରୁଥିବା ଏନ୍‌ଜାଇମ୍ । ମହୁରେ ଥିବା ଗ୍ଲୁକୋଜ୍ ଅକ୍ସିଡେଜ୍ ଏନ୍‌ଜାଇମ୍ ସାହାଯ୍ୟରେ ଗ୍ଲୁକୋନିକ୍ ଅମ୍ଳ ଏବଂ ହାଇଡ୍ରୋଜେନ ପେରେକ୍ସାଇଡ୍ ପ୍ରସ୍ତୁତ ହୋଇଥାଏ । ମହୁରେ ଥିବା ଏହିସବୁ ଏନ୍‌ଜାଇମ୍ ହଜମକ୍ରିୟାରେ ସାହାଯ୍ୟ କରିଥାଏ ।

ସାଧାରଣ ମହୁରେ ୧୧ ପ୍ରକାର ଖଣିଜ ପଦାର୍ଥ ଥିବାର ଜଣାଯାଇଛି । ବିଭିନ୍ନ ମହୁରେ ଖଣିଜ ଦ୍ରବଣର ମାତ୍ରା ଭିନ୍ନ ଭିନ୍ନ ହୋଇଥାଏ । ଗାଢ ମହୁରେ ଫିଙ୍କାରଙ୍ଗର ମହୁ ଅପେକ୍ଷା ଅଧିକ ଖଣିଜ ପଦାର୍ଥ ଥିବାର ପରୀକ୍ଷାରୁ ଜଣାଯାଇଛି । ମହୁରେଥିବା ଖଣିଜପଦାର୍ଥ ବିଶେଷକରି ଲୌହ ରକ୍ତ ସଂଗ୍ଳନରେ ସହାୟକ ହୋଇଥାଏ ।



### ମହୁର ରଙ୍ଗ

ତରଳ ମହୁର ରଙ୍ଗ ବିଭିନ୍ନ ପ୍ରକାରର ହୋଇଥାଏ । ଏହା ସଫାପାଣିର ରଙ୍ଗରୁ ଆରମ୍ଭ କରି ଗାଢରଙ୍ଗ ପର୍ଯ୍ୟନ୍ତ ହୋଇଥାଏ । ଏହା କେଉଁ ଗଛର ଫୁଲରୁ ସଂଗ୍ରହ କରାଯାଇଛି ତା ଉପରେ ନିର୍ଭର କରେ । ଜାମୁ ଗଛର ଫୁଲରୁ ସଂଗୃହିତ ମହୁ ଇଷତ୍ ବାଦାମୀ ହଳଦୀଆ ରଙ୍ଗର ହୋଇଥିବା ବେଳେ, ଲିଚୁ ଓ ସୋରିଷ ଫୁଲରୁ ସଂଗୃହୀତ ଇଷତ୍ ହଳଦିଆ ରଙ୍ଗର ମହୁ ଜନସାଧାରଣଙ୍କ ମଧ୍ୟରେ ବେଶୀ ଆଦୃତ । କିନ୍ତୁ ଗାଢ ରଙ୍ଗର ମହୁକୁ ସ୍ୱାସ୍ଥ୍ୟ ସଚେ୍ତନ ଲୋକମାନେ ବେଶୀ ବ୍ୟବହାର କରିଥାଆନ୍ତି ।

### ବିଭିନ୍ନ ଫୁଲରୁ ମିଳୁଥିବା ମହୁର ରଙ୍ଗ

| ଗଛ/ଶସ୍ୟର ନାମ | ମହୁରରଙ୍ଗ |
|---|---|
| କପା | ଧଳା |
| ୟୁକାଲି ପଟାସ, ରବର୍ | ସୁନେଲି |
| ସୋରିଷ, ଲିଚୁ, ବେସିମ୍ | ଇଷତ୍ ହଳଦିଆ |
| ଜାମୁ, ତେନ୍ତୁଳି | ଇଷତ୍ ବାଦାମୀ ହଳଦିଆ |
| ମିଶ୍ରିତଫୁଲ | ଗାଢ |

### ମହୁର ପ୍ରକାର ଭେଦ

ଭାରତରେ ମୁଖ୍ୟତଃ ଦୁଇପ୍ରକାରର ମହୁ ମିଳିଥାଏ ।

(କ) ଚାଷ କରାଯାଉଥିବା ମହୁ

(ଖ) ଜଙ୍ଗଲ ମହୁ

### (କ) ଚାଷ କରାଯାଉଥିବା ମହୁ

ମହୁବାକ୍ସରେ ଭାରତୀୟ ସପ୍ତଫେଣୀ ମହୁ ମାଛି (ଆପିସ୍ ସେରାନା ଇଣ୍ଡିକା) ଓ ଇଟାଲୀୟ ମହୁମାଛି (ଆପିସ୍ ହେମଲିଫେରା)ଙ୍କ ଦ୍ୱାରା ଏହି ମହୁ ପ୍ରସ୍ତୁତ କରାଯାଇଥାଏ । ଆଧୁନିକ ପ୍ରଣାଳୀରେ ଏଥିରୁ ମହୁ ସଂଗ୍ରହ କରାଯାଇଥାଏ । ଏହି ମହୁଗୁଡ଼ିକ ସ୍ୱଚ୍ଛ ଏବଂ ଏଥିରେ ବାହ୍ୟ ପଦାର୍ଥ କମ୍ ମାତ୍ରାରେ ଥାଏ ।

### (ଖ) ଜଙ୍ଗଲ ମହୁ

ଏହା ଜଙ୍ଗଲି ବାଘରା ମହୁମାଛି (ଆପିସ୍ ଦୋର୍ସାଟା) କିମ୍ବା ସପ୍ତଫେଣୀ ମହୁମାଛି (ଆପିସ୍ ସେରେନା ଇଣ୍ଡିକା)ଙ୍କ ଦ୍ୱାରା ଜଙ୍ଗଲ ମଧ୍ୟରେ ଗଛରେ କିମ୍ବା ପାହାଡ ଖୋଲରେ ହୋଇଥାଏ । ଏହି ମହୁକୁ ଫେଣା ଚିପୁଡି ସଂଗ୍ରହ କରାଯାଇଥାଏ । ଏଣୁ



ଏଥିରେ ଅନେକ ବାହ୍ୟ ପଦାର୍ଥ ଯଥା ମହମ, ମହୁମାଛିଙ୍କର ଅଙ୍ଗ ପ୍ରତ୍ୟଙ୍ଗ, ଗଛର ଅଂଶ ଓ ଫୁଲର ପରାଗ ଆଦି ମିଶି ରହିଥାଏ । ଏହି ବାହ୍ୟ ପଦାର୍ଥଗୁଡ଼ିକ ବାହାର କରିବା ନିମନ୍ତେ ଏହାକୁ ଛାଣିବାକୁ ହୋଇଥାଏ ।

ସାଧାରଣତଃ ଲୋକଙ୍କ ମଧ୍ୟରେ ଏକ ଧାରଣା ଅଛି ଯେ, ଦାନା ବାନ୍ଧିଯାଇଥିବା ମହୁ ଭଲ ମହୁ ନୁହେଁ, ଏଥିରେ ଚିନି ମିଶିଛି । କିନ୍ତୁ ଏହା ସତ୍ୟ ନୁହେଁ । ପ୍ରକୃତରେ ମହୁରେ ଥିବା ଗ୍ଲୁକୋଜ ଅଂଶର ଦାନା ବାନ୍ଧିବା ଏକ ପ୍ରାକୃତିକ ପ୍ରକ୍ରିୟା । ମହୁରେ ଗ୍ଲୁକୋଜ, ଫ୍ରୁକ୍ଟୋଜ, ଶୁକ୍ରୋଜ ଓ ଅନ୍ୟାନ୍ୟ ଶର୍କରା ଦ୍ରବୀଭୂତ ଅବସ୍ଥାରେ ରହିଥାଏ । ଏହି ଶର୍କରାମାନଙ୍କ ମଧ୍ୟରେ ଗ୍ଲୁକୋଜ ଅତ୍ୟଧିକ ଆର୍ଦ୍ର ଓ ନିମ୍ନ ତାପମାତ୍ରାରେ ଦାନା ବାନ୍ଧି ଥାଏ । ଦାନା ବାନ୍ଧିଥିବା ମହୁପାତ୍ରକୁ ଗରମ ପାଣିରେ ବୁଡ଼ାଇ ରଖିଲେ ଏହା ପୁନଃ ତରଳ ଅବସ୍ଥା ପ୍ରାପ୍ତ ହୋଇଥାଏ ।

## ମହୁର ବ୍ୟବହାର

ମହୁ ଖାଇବାର କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ । ଏହାଖାଦ୍ୟ ଖାଇବା ପୂର୍ବରୁ, ପରେ ଓ ଖାଦ୍ୟ ସହିତ ସେବନ କରାଯାଇପାରେ । ଯେକୌଣସି ବୟସର ଲୋକ ମହୁ ସେବନ କରିପାରେ । କିନ୍ତୁ ଏକ ସମୟରେ ଅଧିକ ପରିମାଣର ମହୁ ସେବନ କରିବା ଉଚିତ୍ ନୁହେଁ ।

ମହୁ ଏକ ଶକ୍ତି ବର୍ଦ୍ଧନକାରୀ ହୋଇଥିବାରୁ ଏହାକୁ ଶାରୀରିକ ପରିଶ୍ରମ କରୁଥିବା ଲୋକ, କ୍ରୀଡାବିତ୍, ପର୍ବତାରୋହୀ, ସମୁଦ୍ରବୁଡ଼ାଳୀ, ଶ୍ରମିକ ଓ ରୋଗୀ ବ୍ୟବହାର କରିବା ଦ୍ୱାରା ସୁଫଳ ମିଳିଥାଏ ।

## ମହୁର ସେବନମାତ୍ରା

| | |
|---|---|
| ପିଲା | ଦିନକୁ ୧୦ ରୁ ୧୫ ଗ୍ରାମ |
| ଯୁବକ | ଦିନକୁ ୩୦ ରୁ ୩୫ ଗ୍ରାମ |
| ସୁସ୍ଥଲୋକ | ଦିନକୁ ୩୦ ରୁ ୫୦ ଗ୍ରାମ |
| ବୃଦ୍ଧ | ଦିନକୁ ୨୦ ରୁ ୩୦ ଗ୍ରାମ |
| ଅସୁସ୍ଥଲୋକ/ରୋଗୀ | ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ |

## ମହୁ ବ୍ୟବହାର ନିମନ୍ତେ କେତେକ ସୂଚନା

- ଦାନା ବାନ୍ଧିଥିବା ମହୁକୁ ଗରମ କରିବା ଦ୍ୱାରା ଏହା ତରଳ ଅବସ୍ଥାକୁ ଆସିଥାଏ ଏବଂ ତରଳ ଅବସ୍ଥାକୁ ଆସିଥିବା ମହୁକୁ ଗରମ କରି ଆହୁରି ପତଳା କରାଯାଇପାରେ ।



- ଥଣ୍ଡା କରିବା ଦ୍ୱାରା ମହୁ ମୋଟା ହୋଇଥାଏ ।
- ମହୁ ଥଣ୍ଡା ଓ ଗରମ ପାଣିରେ ମିଶିଯାଇପାରେ ।
- ମହୁକୁ ଖୋଲା ରଖିବା ଉଚିତ୍ ନୁହେଁ ।
- ମହୁ ଚିନିଠାରୁ ଅଧିକ ମିଠା ଅଟେ । ଏଣୁ ପାଉଁରୁଟି, ସାଲାଡ୍, ସସ୍ ଆଦିରେ ଚିନି ନପକାଇ ମହୁ ପକାଇଲେ ଏହା ଅଧିକ ସ୍ୱାଦିଷ୍ଟ ହୋଇଥାଏ ।

## ମହୁର ଖାଦ୍ୟ ଉପଯୋଗୀ ବ୍ୟବହାର

ପାଉଁରୁଟି, ବିସ୍କୁଟ ଆଦି ଉପରେ ମହୁକୁ ଲଗାଇ ଏହାକୁ ଜଳଖିଆ ଭାବେ ବ୍ୟବହାର କରାଯାଇପାରେ । ଗ୍ରୀଷ୍ମ କିମ୍ବା ଶୀତ ଦିନରେ ମହୁକୁ ପାଣିରେ ମିଶାଇ ପିଇଲେ ଏହା ଏକ ଶକ୍ତିବର୍ଦ୍ଧକଭାବେ କାମ କରିଥାଏ । ସମାନ ପରିମାଣର ମହୁ ଓ ଆମ୍ବ ଶସକୁ ପାଣିରେ ମିଶାଇ ଗରମ କରାଯାଇଥାଏ । ଏହାପରେ ଏଥିରେ ସାଇଟ୍ରିକ ଏସିଡ୍ ଓ ପୋଟାସିୟମ୍ ମେଟାବାଇସଲ୍‌ଫେଟ୍ ମାତ୍ରାଅନୁସାରେ ମିଶାଇ ଏକ ବାୟୁ ନିରୋଧକ ପାତ୍ରରେ ରଖିବାକୁ ହୋଇଥାଏ । ଏହି ମିଶ୍ରଣ ୧ ଭାଗକୁ ୩ ଭାଗ ପାଣିରେ ମିଶାଇ ଏହାକୁ ଏକ ଉ  ମ ପାନୀୟ ରୂପେ ବ୍ୟବହାର କରାଯାଇଥାଏ । ମହୁ, ଅଣ୍ଡାର ଲାଲ ଅଂଶ (କେଶରକୁ ଛାଡ଼ି) କିଛି ଲୁଣ, ପାଣି ଆବଶ୍ୟକତା ଅନୁଯାୟୀ ଓ ଲେମ୍ବୁରସକୁ ଏକତ୍ର ମିଶାଇ ଥଣ୍ଡା କରି ପାନୀୟ ରୂପେ ବ୍ୟବହାର କରାଯାଇପାରେ । ଏହା ବ୍ୟତୀତ ଘରୋଇ ଭାବରେ ମହୁରୁ ଜାମ୍, ଜେଲି, ଆଇସକ୍ରିମ୍, ଚକୋଲେଟ୍ ଓ ଚିକି ଆଦି ପ୍ରସ୍ତୁତ କରାଯାଇପାରିବ । ପ୍ରତିଦିନ ଜଳଖିଆରେ ରୁଟି ବା ପାଉଁରୁଟିରେ ଜେଲି ବା ଜାମ୍ ପରିବର୍ ମହୁ ଓ ଡାଲଚିନିର ପ୍ରଲେପ ଦେଇ ଖାଇଲେ ଏହା ରକ୍ତରେ ଶର୍କରା ବୃଦ୍ଧିକୁ ରୋକିଥାଏ ଏବଂ ହୃଦଘାତରୁ ସୁରକ୍ଷା ଦେଇଥାଏ ।

## ମହୁର ଔଷଧୀୟ ଗୁଣ ଓ ବ୍ୟବହାର

ପୁରାତନକାଳରୁ ମହୁ କଟା ଘା' ଓ ପୋଡ଼ା ଘା' ଆଦିର ଉପଚାର ନିମନ୍ତେ ବ୍ୟବହୃତ ହୋଇଆସୁଅଛି । ମହୁରେ ଘା'କୁ ଶୀଘ୍ର ଶୁଖାଇଦେବାର ତ୍ୱ ଅଛି । ମହୁ ମଧ ତ୍ୱଚ୍‌କୁ କୋମଳ ରଖିବା ନିମନ୍ତେ ବ୍ୟବହୃତ ହୋଇଥାଏ । ଅନେକ ଆଖି ସଫା ରଖିବା ନିମନ୍ତେ ମହୁକୁ ବ୍ୟବହାର କରିଥାଆନ୍ତି । ବିଭିନ୍ନ ପ୍ରକାର ଆୟୁର୍ବେଦ ଔଷଧରେ ମହୁ ବ୍ୟବହୃତ ହୋଇଥାଏ । ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥିବା ଯୋଗୁଁ ଏହାକୁ ବ୍ୟବହାର କରିବା ନିରାପଦ ଅଟେ । ଏହାକୁ ଔଷଧ ପ୍ରସ୍ତୁତିରେ ବ୍ୟବହାର କଲେ ଔଷଧର ପ୍ରଭାବ ବୃଦ୍ଧି ଘଟେ । ଏହା ପ୍ରଦାହରହିତ ଏବଂ ସୁସ୍ଥ କୋଷ ଗୁଡ଼ିକର ବୃଦ୍ଧିରେ ସହାୟକ ହୋଇଥାଏ । ପୁରାତନ ଘା', ଚର୍ମରୋଗ ଓ ପାଚନକ୍ରିୟାରେ ଅସୁବିଧାକୁ ଦୂର କରିବା ନିମନ୍ତେ ମହୁର ପ୍ରୟୋଗ ଅତ୍ୟନ୍ତ ଉପଯୋଗୀ ଅଟେ । ଏହାଛଡ଼ା ଥଣ୍ଡା, କାଶ, ଜ୍ୱର ରୋଗ ନିମନ୍ତେ ସବୁ ବୟସର ରୋଗୀମାନଙ୍କ ପାଇଁ ମହୁ ଉପାଦେୟ ସାବ୍ୟସ୍ତ ହୋଇଛି । ଆଣ୍ଠୁଗଣ୍ଠି ବାତରୋଗ ନିମନ୍ତେ ଏକ ଭାଗ ମହୁରେ ଦୁଇ ଭାଗ ଅଳ୍ପ ଉଷୁମ ପାଣି ଓ



କିଛି ଗ୍ରାମଚ ଡାଲଚିନି ଗୁଣ୍ଡ ମିଶାଇ ଏକ ପେଷ୍ଟ ତିଆରି କରି ଆକ୍ରାନ୍ତ ସ୍ଥାନରେ ଧିରେ ଧିରେ ମାଲିସ୍ କଲେ ସଙ୍ଗେ ସଙ୍ଗେ ଉପଶମ ହୋଇଥାଏ । ଆଣ୍ଠୁଗଣ୍ଠି ବାତ ରୋଗରେ ପ୍ରତିଦିନ ସକାଳ ଓ ରାତିରେ ଏକ କପ୍ ଗରମ ପାଣିରେ ଦୁଇଗ୍ରାମଚ୍ ମହୁ ମିଶାଇ ଓ ଛୋଟ ଗ୍ରାମଚ୍ ଡାଲଚିନି ପାଉଡର ମିଶାଇ ପିଇଲେ ସୁଫଳ ମିଳିଥାଏ । ପ୍ରତ୍ୟେକଦିନ ମହୁ ଓ ଡାଲଚିନି ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ ଶରୀରକୁ ରକ୍ଷା କରିଥାଏ । ଏହା ଶରୀରକୁ ଜୀବାଣୁ ଓ ଭୁତାଣୁ ଆକ୍ରମଣରୁ ରକ୍ଷା କରିଥାଏ । ମହୁ ନିୟମିତଭାବରେ ବ୍ୟବହାର କଲେ ରକ୍ତରେ ଥିବା ଶ୍ୱେତରକ୍ତ କଣିକାଗୁଡ଼ିକ ସତେଜ ହୁଅନ୍ତି ଏବଂ ଯାହା ଜୀବାଣୁ ଓ ଭୁତାଣୁ ଜନିତ ରୋଗଗୁଡ଼ିକୁ ପ୍ରତିହିତ କରିଥାଏ । ଖାଦ୍ୟ ପୂର୍ବରୁ ଦୁଇ ଗ୍ରାମଚ ମହୁ ସହିତ ଡାଲଚିନି ପାଉଡର ମିଶାଇ ସେବନ କଲେ ଏହା ଅମ୍ଳ ଦୂର କରିବା ସହିତ ଖାଦ୍ୟ ହଜମ କ୍ରିୟାରେ ସହାୟକ ହୋଇଥାଏ । ଶୋଇବା ପୂର୍ବରୁ ତିନି ଗ୍ରାମଚ୍ ମହୁ ଓ ଏକ ଗ୍ରାମଚ୍ ଡାଲଚିନି ମିଶାଇ ପେଷ୍ଟ କରି ମୁଖବ୍ରଣରେ ଲେପ ଦେବ ଏବଂ ତାପର ଦିନ ସକାଳୁ ଗରମ ପାଣିରେ ମୁହଁ ଧୋଇବ । ଏହି ପ୍ରକ୍ରିୟା ଦୁଇ ସପ୍ତାହ କଲେ ମୁଖବ୍ରଣ ସମୂଳେ ବିନାଶ ହୋଇଥାଏ । ମହୁରେ ସମପରିମାଣର ମୁଥା ମୂଳ ରସ ମିଶାଇ ଦିନରେ ୨/୩ ପାନ ସେବନ କରାଇଲେ ଆମଦୋଷ ଜନିତ ରକ୍ତାତିସାର ଦୂର ହୁଏ । ରକ୍ତାତିସାର ରୋଗରୁ ଆରୋଗ୍ୟ ନିମନ୍ତେ ୧୦ ଗ୍ରାମ ମହୁରେ ସମପରିମାଣର ଦୂବଘାସ ରସ ମିଶାଇ ସେବନ କରିବାକୁ ହୋଇଥାଏ । ମହୁ ସହିତ କଳା ତୁଳସୀ ପତ୍ରରସ ୪/୫ ଟୋପା ମିଶାଇ ଚଟାଇ ଖୁଆଇଲେ ଶିଶୁମାନଙ୍କର କାଶ ଭଲ ହୁଏ । ୫/୬ ମାସରୁ ଉର୍ଦ୍ଧ୍ୱ ଶିଶୁମାନଙ୍କ ପାଇଁ ମାତ୍ରା କ୍ରମଶଃ ବଢ଼ାଇବାକୁ ହୁଏ । ୧୦-୧୫ ଟୋପା ମହୁରେ ସମାନ ପରିମାଣର ଜଡ଼ା ତେଲ ମିଶାଇ ଚଟାଇଲେ ଶିଶୁର କୋଷ୍ଠବଦ୍ଧତା ଦୂର ହୁଏ । ମହୁରେ ଇଠାଫଳ ଗ୍ରେପାର ଚୂର୍ଣ୍ଣ ଘୋରି ଚଟାଇଲେ ଶିଶୁମାନଙ୍କର ଶ୍ୱାସ ଓ ପାର୍ଶ୍ୱ ବେଦନା ଆରୋଗ୍ୟ ହୁଏ । ୧୦/୧୨ ଟୋପା ମହୁ ସହିତ ଅଙ୍କରାନ୍ତି ଫୁଲର ଚୁନା ମିଶାଇ ଚଟାଇଲେ, ବାଳକମାନଙ୍କର ପୁରାତନ କାଶ ଭଲ ହୁଏ । ୧୦ ଗ୍ରାମ୍ ମହୁରେ ୨୦ ଗ୍ରାମ୍ ଚମ୍ପାପତ୍ର ରସ କିମ୍ବା ୬୦ ଗ୍ରାମ ନଡ଼ିଆ ପାଣି ମିଶାଇ ସେବନ କରାଇଲେ କୃମି ମରି ଖସି ପଡ଼ନ୍ତି । ମହୁରେ ହିଂଜଳ ପତ୍ର ରସ ମିଶାଇ ଦୁଇ ବେଳା ସେବନ କଲେ ରକ୍ତାତିସାର ଆରୋଗ୍ୟ ହୁଏ । ୧୦ ଗ୍ରାମ୍ ମହୁରେ ୫ ଗ୍ରାମ୍ ରସୁଣ ରସ ମିଶାଇ ପ୍ରତିଦିନ ସକାଳେ ସେବନ କରାଇଲେ ଶୂଳ ଓ ଅଗ୍ନିମାନ୍ଦ୍ୟ ପ୍ରଶମିତ ହୁଏ । ୧ ଗ୍ରାମ୍‌ରୁ ୨ ଗ୍ରାମ୍ ପର୍ଯ୍ୟନ୍ତ ବିଡ଼ଙ୍ଗ ଚୂର୍ଣ୍ଣରେ ମହୁ ମିଶାଇ ସେବନ କଲେ କୃମି ନଷ୍ଟ ହୁଏ । ୫ ଗ୍ରାମ୍ ମହୁରେ ୩ ଗ୍ରାମ ଅଁଳା ଚୂର୍ଣ୍ଣ ମିଶାଇ ସେବନ କଲେ ପି ଜନିତ ଶୂଳ ଉପଶମ ହୁଏ । ମହୁରେ ନିମ୍ବ ଛେଲିର କ୍ୱାଥ ମିଶାଇ ସେବନ କଲେ କାମଳ ଓ କୃମିରୋଗ ଆରୋଗ୍ୟ ହୁଏ । ଗର୍ଭଶୂଳ ନଷ୍ଟ ନିମନ୍ତେ ମହୁରେ କିସ୍‌ମିସ୍ ବାଟି ଖୁଆଇଲେ ସୁଫଳ ମିଳିଥାଏ । ଶୁକ୍ର ଦୁର୍ବଳ, ପେଟଗରମ ଓ ମୁଣ୍ଡ ଭ୍ରମ ହେଉଥିଲେ ମହୁ ଓ ଘିଅ ଅସମାନ ଭାବେ ମିଶାଇ ସେଥିରେ ଛତୁଆରି ରସ ଯୋଗ କରି ସେବନ କଲେ ସୁଫଳ ମିଳେ । ମହୁରେ ଅଦାରସ ମିଶାଇ ସେବନ କଲେ ସର୍ଦ୍ଦି, କଫ ଓ କାଶ ନଷ୍ଟ ହୁଏ । ପ୍ରତିଦିନ ସକାଳେ ତ୍ରିଫଳା ଓ ଗୁଳୁଚିର କ୍ୱାଥରେ ମହୁ ମିଶାଇ



ସେବନ କଲେ କାମଳ ରୋଗ ଭଲ ହୋଇଥାଏ । ବାହାଡ଼ା ଗ୍ରେପାର ଚୂର୍ଣ୍ଣ ମହୁ ସହିତ ମିଶାଇ ଗୁଟି ଖାଇଲେ ପ୍ରବଳ ହିକ୍କା ଓ ଶ୍ୱାସ ଉପଶମ ହୁଏ । ୧୦ ଗ୍ରାମ୍ ମହୁରେ ୫ ଗ୍ରାମ ଅଙ୍କରାନ୍ତି ରସ ଓ ପିପ୍ପଳୀ ଚୂର୍ଣ୍ଣ ମିଶାଇ ଗୁଟି ଖାଇଲେ ପୁରୁଣା କାଶ ଓ ଶ୍ୱାସ ଭଲ ହୋଇଥାଏ । ମହୁରେ କ ।ଲେଉଟିଆ ମୂଳର ରସ ମିଶାଇ କିଛିଦିନ ସେବନ କଲେ ଅମ୍ଳପି ବିଷ, ପୁରାତନ ମେହ ବିଷ ନଷ୍ଟ ହୋଇ ରକ୍ତ ପରିଷ୍କୃତ ହୁଏ । ୫ ଗ୍ରାମ୍ ମହୁରେ ୧୦ ଗ୍ରାମ୍ ଦୁବ ଘାସରସ ମିଶାଇ ଟିକିଏ ଚିନି ସହିତ ସେବନ କଲେ ରକ୍ତ ପି ଆରୋଗ୍ୟ ହୁଏ । ବାସଙ୍ଗ ପତ୍ର ରସକୁ ୨୦ ଗ୍ରାମ୍ ମହୁରେ ମିଶାଇ ପାନ କଲେ ରକ୍ତ ପି ନିବୃ ଓ କଫ ସରଳ ହୁଏ । ମହୁରେ ଲହୁଣି ଓ ଚିନି ମିଶାଇ ସେବନ କଲେ ଯକ୍ଷ୍ମାରେ ରକ୍ତ ନିର୍ଗମ ଓ ଦୁର୍ବଳତା ଦୂର ହୁଏ । ୫ ଗ୍ରାମ୍ ମହୁରେ ଗଙ୍ଗଶିଉଳି ପତ୍ରର ରସ ୩୦ ଗ୍ରାମ୍ ମିଶାଇ କିଛିଦିନ ସେବନ କଲେ ଯକ୍ଷ୍ମାଜନିତ ଜ୍ୱର, ମେଲେରିଆ ଓ ପୁରାତନ ଜ୍ୱର ଆରୋଗ୍ୟ ହୁଏ । ମହୁରେ ପୋଟଳ ପତ୍ରର କ ।ରସ ମିଶାଇ ତାଲୁରେ ମାଲିସ୍ କଲେ ମୁଣ୍ଡ ବୁଲାଇବା ଉପଶମ ହୁଏ । କ । ଗୁଳୁଚି ଲଟା ୨୦ ଗ୍ରାମ୍‌କୁ ଛେଚି ମୁଗୁନି ବା କାଚ ପାତ୍ରରେ ୬୦ ଗ୍ରାମ୍ ଶୀତଳ ଜଳରେ ସନ୍ଧ୍ୟା ସମୟରେ ବତୁରାଇ ବଡ଼ି ସକାଳୁ ତାହାକୁ ଚକଟି, ଛାଣି ସେଥିରେ ୧୦ ଗ୍ରାମ୍‌ରୁ ୨୦ ଗ୍ରାମ୍ ପର୍ଯ୍ୟନ୍ତ ମହୁ ମିଶାଇ ପାନ କଲେ ସବୁପ୍ରକାର ବାନ୍ତି ଦୂର ହୁଏ । ମହୁ ୫ ଗ୍ରାମ୍, ବଚ ଚୂର୍ଣ୍ଣ ୩ ଗ୍ରାମ ମିଶାଇ ସେବନ କରି ଅପସ୍ମାର ରୋଗ ଆରୋଗ୍ୟ ହୁଏ । ମହୁରେ ନିର୍ମଳା ଫଳ ଘୋରି ତହିଁରେ ଶ୍ରୀକର୍ପୂର ମିଶାଇ ଚକ୍ଷୁରେ ଅଞ୍ଜନ ଘେନିଲେ ଚକ୍ଷୁ ନିର୍ମଳ ହୁଏ । ମହୁରେ ମାଳତି ପତ୍ର ରସ ମିଶାଇ କାନରେ ପକାଇଲେ କାନ ପାଚିବା ଆରୋଗ୍ୟ ହୁଏ । ଅମ୍ଳପି ରୋଗରୁ ଆରୋଗ୍ୟ ନିମନ୍ତେ ମହୁ ସହିତ ପିପ୍ପଳୀ ଚୂନା ମିଶାଇ ସେବନ କରିବାକୁ ହୋଇଥାଏ । ସମ ପରିମାଣ ମହୁ ଓ ରନ୍ଧା ଜଡ଼ାତେଲକୁ ମିଶାଇ ପୋଡ଼ି ଯାଇଥିବା ସ୍ଥାନରେ ବୋଳି ଦେଲେ ଯନ୍ତ୍ରଣା ଦୂର ହୁଏ । ଶ୍ୱେତ ପୁରୁଣୀ ମୂଳକୁ ମହୁରେ ବୁଡ଼ାଇ ଚନ୍ଦନ ପେଡ଼ିରେ ଘୋରି କଳା ଭଳି ଲଗାଇଲେ ଆଖିରୁ ପାଣି ବାହାରିବା ବନ୍ଦ ହୁଏ । ଅସମାନ ଭାବେ ଘିଅ ଓ ମହୁ ଏକତ୍ର ମିଶାଇ ମୁଖରେ ଧାରଣ କରି କୁଳି କଲେ ସ୍ୱରଭଙ୍ଗ ଆରୋଗ୍ୟ ହୁଏ । ମାଙ୍କଡ଼ସା ପରିଶ୍ରା କରିଥିବା ସ୍ଥାନରେ ମହୁ ଲଗାଇଲେ ବିଷଦୋଷ ନଷ୍ଟ ହୁଏ । ମହୁ ଓ କଳି ଚୂନକୁ ଏକତ୍ର କରି ନରମ ଥିବା ଅବସ୍ଥାରେ ବାଗୀ, ଗାଲୁଆ ଓ ଗିଲଟି ଉପରେ ଲେପ ଦେଲେ ତାହା ବସିଯାଏ । ସଜ ଘୋଳଦହି ସହିତ ମହୁ ମିଶାଇ ପିଇଲେ ଉଦରୀ ରୋଗ ନଷ୍ଟ ହୁଏ । ଏକ ଗ୍ଲାସ୍ କ । ଗାଈ ଦୁଧରେ ଅଧ ଚାମଚ ମହୁ, ଅଧଚାମଚ ଗାଜର ରସ, ଅଧଚାମଚ ଲେମ୍ବୁରସ ମିଶାଇ କିଛିଦିନ ଦେହରେ ଲଗାଇଲେ ଚର୍ମର ରଙ୍ଗ ପରିଷ୍କାର ହୁଏ । ଲେମ୍ବୁରସ ସହିତ ମହୁ ମିଶ୍ରିତ କରି କିଛିଦିନ ମାଲିସ କଲେ ମୁହଁରେ ବସନ୍ତ ଦାଗ ବିନଷ୍ଟ ହୁଏ । ଲେମ୍ବୁରସରେ ଏକ ଚାମଚ ମହୁ ମିଶାଇ ଗୁଟି ଗୁଟି ଖାଇଲେ ତ ି ଦରଜ କମିଯାଏ । କୁଟଜ ଛାଲି କ୍ୱାଥରେ ମହୁ ମିଶାଇ ପ୍ରତି ୬ ଘ ।ରେ ୨ ଚାମଚ କରି ଖାଇଲେ ଆମାଶୟ ରୋଗ ଭଲ ହୁଏ । ମହୁରେ ଏକ ପ୍ରକାର ସାବୁନ ତିଆରି କରାଯାଇପାରେ ଯାହା ଚର୍ମ ନିମନ୍ତେ ଉପଯୋଗୀ ହେବ । ଖଣ୍ଡେ ଦେହ ଲଗା ସାବୁନକୁ ଟିକି ଟିକି କରି କାଟି ପାଣି ମିଶାଇ ଫୁଟାଇବାକୁ ହେବ । ସାବୁନଗୁଡ଼ିକ ପାଣିରେ ମିଳାଇ ଗଲାପରେ



ଏଥିରେ ୫୦୦ଗ୍ରାମ ମହୁ ପକାଇ ଏକ ତରଳ ସାବୁନ ପ୍ରସ୍ତୁତ କରାଯିବ । ଏହି ମିଶ୍ରଣକୁ ଫୁଟିବା ପର୍ଯ୍ୟନ୍ତ ଗୋଳେଇବାକୁ ହୋଇଥାଏ । ଏହାପରେ ଚୁଲିରୁ କାଢି ଏଥିରେ କିଛି ବାସ୍ନା ଯୋଗ କରିବାକୁ ହୁଏ । ଏକ ପାତ୍ରରେ ଢାଳି ଥଣ୍ଡା ହୋଇ ଶୁଖିଗଲା ପରେ ଏହାକୁ ଖଣ୍ଡ ଖଣ୍ଡ କରି କାଟି ଦେବାକୁ ହୋଇଥାଏ । ଏହିଭଳି ଭାବରେ ମହୁ ସାବୁନ ପ୍ରସ୍ତୁତ କରାଯାଇଥାଏ ।

**ମହୁ ବ୍ୟବହାରରେ କ'ଣ କରିବା ଅନୁଚିତ୍**

◆ମହୁକୁ କୌଣସି ଗରମ ଖାଦ୍ୟ ସହିତ ଖାଇବା ଉଚିତ ନୁହେଁ ।
◆ଶରୀରର ସାଧାରଣ ତାପମାତ୍ରାରୁ କମ୍ କିମ୍ବା ବେଶୀ ତାପମାତ୍ରା ଥିବା ବ୍ୟକ୍ତି ମହୁ ଖାଇବା ଅନୁଚିତ୍ ।
◆ଗରମ ଦିନରେ ମହୁ ଖାଇବା ବନ୍ଦ କରିଦେବା ଭଲ ।
◆ମହୁକୁ ଗରମ କରି ଖାଇବା ଉଚିତ ନୁହେଁ, କାରଣ ଗରମ ମହୁର ବିଷାକ୍ତ ପ୍ରଭାବ ରହିଛି ।
◆ମହୁକୁ ସମାନ ପରିମାଣର ଘିଅ, ତେଲ, ଚର୍ବିଜାତୀୟ ଜିନିଷ କିମ୍ବା ବର୍ଷା ପାଣି ସହ ଖାଇବା ଅନୁଚିତ୍ ।

**ମହୁଚାଷ**

**ଜଳବାୟୁ**

ମହୁଚାଷ ନିମନ୍ତେ ନିରୂପିତ ସ୍ଥାନର ତାପମାତ୍ରା ୩୨° ଫାରେନ୍‌ହିଟ୍‌ରୁ ୧୨୦° ଫାରେନ୍‌ହିଟ୍ ମଧ୍ୟରେ ରହିବା ଆବଶ୍ୟକ । ୧୨୦° ଫାରେନ୍‌ହିଟ୍‌ରୁ ଅଧିକ ଉ  ାପ ହେଲେ ମହମରେ ପ୍ରସ୍ତୁତ ମହୁ ଓ ଅଣ୍ଡା ଫେଣାମାନ ତରଳିଯାଏ ଫଳରେ ମହୁମାଛିମାନେ ଜାଗାଛାଡ଼ି ପଳାନ୍ତି । ସେହିପରି ୩୨° ଫାରେନ୍‌ହିଟ୍‌ରୁ କମ୍ ତାପମାତ୍ରାଥିବା ଅ  ଳରେ ଅତ୍ୟଧିକ ଶୀତ ଓ ବରଫ ପଡୁଥିବା ଯୋଗୁଁ ମହୁମାଛି ମରି ଯାଆନ୍ତି ।

ଗ୍ରୀଷ୍ମଋତୁରେ ମହୁମାଛି ଦଳ ପାଇଁ ଜଳ ଆବଶ୍ୟକତା ଥିବାରୁ ମହୁଚାଷ ଅ  ଳରେ ଜଳ ଥିବା ଆବଶ୍ୟକ । ନଚେତ୍ ମହୁମାଛି ସେ ସ୍ଥାନ ଛାଡ଼ି ଚାଲିଯାଆନ୍ତି । ଅତ୍ୟଧିକ ବୃଷ୍ଟିପାତ ହେଉଥିବା ଅ  ଳ ମଧ୍ୟ ମହୁଚାଷ ନିମନ୍ତେ ଉପଯୁକ୍ତ ନୁହେଁ । ଅତିବୃଷ୍ଟି ହେଉଥିବା ଅ  ଳରେ ଫୁଲରୁ ମହୁ ଧୋଇ ହୋଇଯାଏ । ମହୁମାଛିମାନେ ବର୍ଷା ଫଳରେ ପଦାକୁ ବାହାରି ପାରନ୍ତି ନାହିଁ । ଅନେକ ବର୍ଷାମାଡ଼ରେ ମରିଯାଆନ୍ତି ।

**ସ୍ଥାନ**

ମହୁଚାଷ ହେଉଥିବା ସ୍ଥାନର ଚତୁଃପାର୍ଶ୍ୱରେ ଆବଶ୍ୟକୀୟ ଫୁଲଥିବା ଦରକାର । ତେଣୁ ଅନ୍ୟୁନ



ବର୍ଷକୁ ଛଅ ମାସ ଫୁଲ ଫୁଟୁଥିବା ସ୍ଥାନ ମହୁଚାଷ ନିମନ୍ତେ ଉପଯୋଗୀ, ନଚେତ୍ ମହୁମାଛିମାନେ ଖାଇବାକୁ ନପାଇ ମୃତ୍ୟୁବରଣ କରନ୍ତି ।

**ମହୁମାଛି**



ବର୍ତ୍ତମାନ ଆମ ଦେଶରେ ସାଧାରଣତଃ ଚାରି ପ୍ରଜାତିର ମହୁମାଛି ଦେଖାଯାଉଛନ୍ତି । ସେମାନେ ହେଲେ (୧) ବାଘରା (ଆପିସଦୋରସାଟା), (୨) ଡାଳି ବା ବି ୍ଣି (ଆପିସ୍ ଫ୍ଲୋରିଆ) (୩) ସପ୍ତଫେଣୀ (ଆପିସ୍ ସେରାନା ଇଣ୍ଡିକା), (୪) ନିକୁଟି (ଡାମର୍ ବିଜ୍) ।

ଏହି ମହୁମାଛିମାନଙ୍କ ମଧ୍ୟରୁ ବାଘରା କୌଣସି ସ୍ଥାନରେ ୫ ରୁ ୬ ମାସରୁ ଅଧିକ ସମୟ ଧରି ରହନ୍ତି ନାହିଁ । ଏମାନେ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ସ୍ଥାନ ପରିବର୍ତ୍ତନ କରୁଥାଆନ୍ତି, ଏମାନେ ବଡ଼ ବଡ଼ ଗଛ ଡ଼ାଳରେ ତଳକୁ ଝୁଲାଇ ଗୋଟିଏ ଫେଣା ଗଢିଥାନ୍ତି ଓ ଶତ୍ରୁକୁ ଦଳବଦ୍ଧ ଭାବରେ ଆକ୍ରମଣ କରିଥାନ୍ତି । ଏଣୁ ଏମାନଙ୍କୁ ପୋଷିବା ସମ୍ଭବ ନୁହେଁ ।

ଡାଳି ବା ବି ୍ଣି ମହୁମାଛିମାନେ ମଧ ବାଘରା ମହୁମାଛିମାନଙ୍କ ଭଳି ଖୋଲା ଜାଗାରେ ବସାବାନ୍ଧି ରହିବାକୁ ଭଲ ପାଆନ୍ତି । ଏମାନେ ମଧ ପ୍ରତି ୫/୬ ମାସରେ ସ୍ଥାନ ପରିବର୍ତ୍ତନ କରିଥାଆନ୍ତି । ଏମାନେ କମ୍ ପରିମାଣର ମହୁ ସଂଗ୍ରହ କରିଥା'ନ୍ତି । ଏଣୁ ଏମାନଙ୍କୁ ମଧ ଚାଷ ନିମନ୍ତେ ପୋଷିବା ଉପଯୋଗୀ ନୁହେଁ ।

ନିକୁଟି ମହୁମାଛିମାନେ କାନ୍ଥ ବା ଗଛରେ ଛୋଟ ଛୋଟ ଖୋଲରେ ବସା ବାନ୍ଧି ରହିଥାଆନ୍ତି, ଏମାନେ ଗୋଟିଏ ଜାଗାରେ ଅନେକ ଦିନ ପର୍ଯ୍ୟନ୍ତ ରହନ୍ତି, କିନ୍ତୁ ଏହି ମହୁମାଛିଦ୍ୱାରା ସଂଗୃହୀତ ମହୁ ଆଦାୟ କରିବା କଷ୍ଟକର ହୋଇଥାଏ ।

ସପ୍ତଫେଣୀ ଜାତୀୟ ମହୁମାଛିମାନେ ୩,୫,୭,୯ ଓ ୧୧ଟି ଫେଣା ବାନ୍ଧି ଗୋଟିଏ ସ୍ଥାନରେ ଅଧିକ ସମୟ ଧରି ରହିଥାନ୍ତି । ଏହି ଜାତୀୟ ମହୁମାଛିମାନେ ମଧ ଉପଯୁକ୍ତ ପରିମାଣରେ ମହୁ

ସ  ୟ କରିଥାନ୍ତି । ଏଣୁ ଏହି ମହୁମାଛି ମାନଙ୍କୁ ପାଳନ କରାଯାଇଥାଏ । ମହୁଚାଷ ନିମନ୍ତେ ଏହି ଜାତୀୟ ମହୁମାଛି ଉପଯୋଗୀ ।

ଭାରତରେ ଦୁଇ ପ୍ରକାରର ସପ୍ତଫେଣୀ ମହୁମାଛି ଦେଖାଯାଆନ୍ତି । ଏମାନେ ହେଲେ ସମତଳ ଶ୍ରେଣୀ ଓ ପାର୍ବତ୍ୟ ଶ୍ରେଣୀ । ଏହିଭଳି ପୃଥିବୀର ଅନ୍ୟାନ୍ୟ ଦେଶରେ ଭିନ୍ନ ଭିନ୍ନ ପ୍ରକାରର ସପ୍ତଫେଣୀ ମହୁମାଛି ସର୍ବାଧିକ ମହୁ ସ  ୟ କରିଥା'ନ୍ତି ।

ପ୍ରତ୍ୟେକ ମହୁମାଛି ଦଳରେ ଗୋଟିଏ ରାଣି ମହୁମାଛି ଅଳ୍ପ କିଛି ଅଣ୍ଡିରା ମହୁମାଛିଙ୍କୁ ଛାଡ଼ି ଦେଲେ ପ୍ରାୟ ପନ୍ଦରରୁ ତିରିଶ ହଜାର ସଂଖ୍ୟାରେ ମହୁମାଛି ଥାଆନ୍ତି । ଏମାନେ ପ୍ରକୃତ କର୍ମୀ ମହୁମାଛି, ଏହି ମାଇ କର୍ମୀ ମହୁମାଛିମାନଙ୍କର ମହୁ ସଂଗ୍ରହ ନିମନ୍ତେ ଶୁଣ୍ଢ, ପରାଗଥଳି, ମହମଥଳି, ମହମଗ୍ରନ୍ଥି, ସୁଗନ୍ଧଗ୍ରନ୍ଥି ଓ ବିଷବାହୀ ଗ୍ରନ୍ଥି ମହଜୁଦ ଥାଏ ।

## ମହୁଚାଷ ନିମନ୍ତେ ଆବଶ୍ୟକୀୟ ଉପକରଣ

### ମହୁବାକ୍ସ

ମହୁବାକ୍ସର ଆକାର ପ୍ରକାର ଅନୁସାରେ ବିଭିନ୍ନ ନାମରେ ନାମିତ କରାଯାଇଅଛି । ଏଗୁଡ଼ିକ ହେଲା ନିଉଟନ୍ ବାକ୍ସ, ଆଇ.ଏସ୍.ଆଇ ବାକ୍ସ, ନ୍ୟାସ୍‌ନାଲ୍ ବାକ୍ସ, ଡବ୍ଲୁ.ବି.ଏସ୍. ବାକ୍ସ ଓ ଜିଓଲିକୋଟ୍ ବାକ୍ସ ଇତ୍ୟାଦି । ଅନେକ ଦିନଧରି ଭାରତବର୍ଷରେ ନିଉଟନ୍ ମହୁବାକ୍ସର ପ୍ରଚଳନ ହେଲାପରେ ୧୯୬୬ ମସିହାଠାରୁ ଷ୍ଟାଣ୍ଡାର୍ଡ ମହୁବାକ୍ସର ବ୍ୟବହାର ହୋଇଆସୁଛି । ଏହି ଷ୍ଟାଣ୍ଡାର୍ଡ ମହୁବାକ୍ସ ଭାରତୀୟ ମାନ ନିର୍ଣ୍ଣୟ ସଂସ୍ଥା (ଆଇ.ଏସ୍.ଆଇ.) ଦ୍ୱାରା ପ୍ରଚଳନ ନିମନ୍ତେ ସ୍ଥିର ହୋଇଅଛି । ସାଧାରଣତଃ ମହୁବାକ୍ସଟି ଚାରିଭାଗରେ ବିଭକ୍ତ । ଏଗୁଡ଼ିକ ହେଲା ତଳପଟା,



ଅଣ୍ଡାଥାକ, ମହୁଥାକ, ଛାତପଟା । ପ୍ରଥମେ ତଳେ ତଳପଟା ଥାଏ । ତା ଉପରେ ଅଣ୍ଡାଥାକ, ଅଣ୍ଡାଥାକ ଉପରେ ମହୁଥାକ ଓ ତା ଉପରେ ଛାତପଟା ଥାଏ । କିନ୍ତୁ ଏହି ଷ୍ଟାଣାର୍ଡ ବାକ୍ସରେ ଆଠଟି ଭାଗଥାଏ । ଯଥା ତଳପଟା, ଅଣ୍ଡାଥାକ, ଅଣ୍ଡାଥାକ ଫ୍ରେମ, ମହୁଥାକ, ମହୁଥାକ ଫ୍ରେମ, କ୍ରାଉନବୋର୍ଡ, ଛାତପଟା, ଡମିବୋର୍ଡ । ପ୍ରତି ଫ୍ରେମ୍‌ର ଚାରିପଟେ ସାତ ମିଲିମିଟର ଶୂନ୍ୟସ୍ଥାନ ରଖାଯାଇଥାଏ, ଯେପରିକି ମହୁମାଛିମାନେ ଏହି ରାସ୍ତାଦେଇ ଯିବା ଆସିବା କରିପାରିବେ ।

ମହୁବାକ୍ସ ଶୁଖିଲା ହାଲୁକା ଓ ମଜଭୁତ କାଠରେ ତିଆରି ହେବା ଆବଶ୍ୟକ । ଏହି କାଠର ଖରାବର୍ଷା ସହିବାର କ୍ଷମତା ରହିଥିବା ଜରୁରୀ । ବାକ୍ସର ବାହାରପଟକୁ କଳାରଙ୍ଗ ବିନା ଅନ୍ୟ ଯେ କୌଣସି ରଙ୍ଗ ଦିଆଯାଇପାରେ । ଏହା ଫଳରେ ବାକ୍ସ ବେଶୀ ଦିନ ଯାଇଥାଏ । ଏହି ରଙ୍ଗର ଗନ୍ଧ ସଂପୂର୍ଣ୍ଣଭାବେ ଉଡ଼ିଯିବାପରେ ଏଥିରେ ମହୁମାଛି ରଖାଯାଇଥାଏ ।

### ମହୁ ସଂଗ୍ରହ ଯନ୍ତ୍ର

ଏବେ ବଜାରରେ ବହୁ ପ୍ରକାର ମହୁ ସଂଗ୍ରହ ଯନ୍ତ୍ର ମିଳିଲାଣି । ହାତରେ ବୁଲାଇବାଠାରୁ ଆରମ୍ଭ କରି ବିଦ୍ୟୁତ ଚାଳିତ ଯନ୍ତ୍ର, ବିଭିନ୍ନ ସାଇଜ୍‌ର ଛୋଟରୁ ବଡ଼ ଯନ୍ତ୍ର ଉପଲବ୍ଧ ହେଉଛି । ଯେଉଁଠାରେ ଏକାଥରକେ ଅନେକ ବାକ୍ସରୁ ମହୁ ସଂଗ୍ରହ କରିବା ଆବଶ୍ୟକ ହୁଏ, ସେଠାରେ ବିଦ୍ୟୁତ ଚାଳିତ ଯନ୍ତ୍ର ଲାଗିଥାଏ । ଅଳ୍ପ ପରିମାଣର ମହୁ ସଂଗ୍ରହ ନିମନ୍ତେ ହାତ ସାହାଯ୍ୟରେ ମେସିନ୍‌କୁ ବୁଲାଇବାକୁ ହୋଇଥାଏ ।

### ଧୂଆଁଯନ୍ତ୍ର

ମହୁମାଛିମାନେ ମହୁ ସଂଗ୍ରହ ସମୟରେ ସଂଗ୍ରହକାରୀଙ୍କୁ ଲାହୁଡ ସାହାଯ୍ୟରେ ଆକ୍ରମଣ କରିଥାନ୍ତି । ଏହି ଆକ୍ରମଣରୁ ରକ୍ଷା ପାଇବା ନିମନ୍ତେ ଧୂଆଁଯନ୍ତ୍ରର ବ୍ୟବହାର କରାଯାଇଥାଏ । ବିଶେଷକରି ଜଙ୍ଗଲରେ ଗଛରୁ ମହୁ ସଂଗ୍ରହବେଳେ ଏହି ଯନ୍ତ୍ର ବ୍ୟବହାର କରାଯାଏ ।

### ରାଣିଜାଲି

ରାଣିମାଛିଟିକୁ ବାକ୍ସ ମଧ୍ୟରେ ଅଟକାଇ ରଖିବା ନିମନ୍ତେ ରାଣିଜାଲି ବ୍ୟବହୃତ ହୋଇଥାଏ । ଏହି ଜାଲିକୁ ବାକ୍ସର ମୁହଁରେ ଦିଆଯାଇଥାଏ । ଏହି ଜାଲିର କଣା ବାଟ ଦେଇ ଅନ୍ୟ ମହୁମାଛିମାନେ ଯିବା ଆସିବା କରିପାରୁଥିବାବେଳେ ରାଣି ମହୁମାଛିଟି ବାହାରି ପାରେନାହିଁ ।



ଏହାଛଡ଼ା ବାକ୍ସଷ୍ଟାଣ୍ଡ, ରାଣୀ ନିରୋଧକ, ବାକ୍ସ ପରୀକ୍ଷା ଷ୍ଟୁଲ୍, ଡମିବୋର୍ଡ, ଛୁରୀ, ହାତମୋଜା, ଛଣା, ମହୁ ରଖିବା ନିମନ୍ତେ ପାତ୍ର, ମହୁମାଛିଙ୍କୁ ଧରିବା ବ୍ୟାଗ୍, ଅଣ୍ଡିରା ମହୁମାଛି ଯନ୍ତା, ରାଣିମହୁମାଛି ନିମନ୍ତେ ପିଞ୍ଜରା, ଜନ୍ଦା ପିମ୍ପୁଡ଼ି ସୁରକ୍ଷା ନିମନ୍ତେ ଯନ୍ତ୍ର, ଖାଦ୍ୟ ଖାଇବା ବୋତଲ, ମହୁମାଛି ଧରିବା ବାକ୍ସ ଆଦି ସରଞ୍ଜାମ ମଧ୍ୟ ଆବଶ୍ୟକ ହୋଇଥାଏ ।

## ମହୁରକ୍ଷ ନିମନ୍ତେ ବିଭିନ୍ନ ପର୍ଯ୍ୟାୟ

ମହୁରକ୍ଷ କରିବାକୁ ହେଲେ ପ୍ରଥମେ ମହୁମାଛି ଦଳଙ୍କୁ ଠାବ କରି ଧରିବାକୁ ହୋଇଥାଏ । ବସନ୍ତ ଓ ଗ୍ରୀଷ୍ମ ଋତୁରେ ପ୍ରଚୁର ଫୁଲ ଫୁଟୁଥିବାରୁ ଏହି ମାସମାନଙ୍କରେ ମହୁମାଛିମାନେ ସେମାନଙ୍କର ଦଳରୁ ଅଲଗା ହୋଇ ଦଳ ଦଳ ହୋଇ ବିଭିନ୍ନ ଗଛର କୋରଡରେ  ବସା ବାନ୍ଧିଥାନ୍ତି । ଏହି ସମୟରେ ଏମାନଙ୍କୁ ଠାବ କରିବାକୁ ହୋଇଥାଏ ।



ମହୁମାଛିଙ୍କର ସନ୍ଧାନ ନେଲାପରେ ଏହାଙ୍କୁ ଧରିବାକୁ ହୋଇଥାଏ । ଗ୍ରୀଷ୍ମ ଦିନରେ ପ୍ରତ୍ୟୁଷରୁ ଓ ଶୀତଦିନରେ ମଧ୍ୟାହ୍ନ ସମୟରେ ମହୁମାଛିମାନଙ୍କୁ ଧରିବାକୁ ହୋଇଥାଏ । କାରଣ ଏହି ସମୟରେ ଅତ୍ୟଧିକ ଥଣ୍ଡା କିମ୍ବା ଅତ୍ୟଧିକ ଉ  ।ପ ନଥାଏ । ଗ୍ରୀଷ୍ମ ଦିନରେ ବାକ୍ସ ଉପରେ ଓଦା ଅଖା ଓ ଶୀତ ଦିନରେ ଶୁଖିଲା ଅଖା ପକାଇବାକୁ ହୋଇଥାଏ । ବର୍ଷା ଓ ଶରତ ଋତୁରେ ମହୁମାଛିମାନଙ୍କୁ ଧରିବା ଅନୁଚିତ । କାରଣ ଏହି ସମୟରେ ସେମାନଙ୍କ ପାଇଁ ଯଥେଷ୍ଟ ପରିମାଣର ଖାଦ୍ୟ ନଥାଏ ।

ସନ୍ଧାନ ମିଳିଥିବା ମହୁଫେଣା ନିକଟକୁ ଯାଇ ପ୍ରଥମେ ଧୂଆଁଯନ୍ତ୍ର ସାହାଯ୍ୟରେ ଧୂଆଁଦେବାକୁ ହୋଇଥାଏ । ଏହା ଫଳରେ ମହୁମାଛିମାନେ ଆକ୍ରମଣ କରିନଥାନ୍ତି । ଏହାପରେ ଏକ ଛୁରୀ ସାହାଯ୍ୟରେ ଫେଣାଗୁଡ଼ିକୁ ମୂଳରୁ କାଟି ଅକ୍ଷତ ଅବସ୍ଥାରେ ରଖିବାକୁ ହୋଇଥାଏ । ଫେଣାଗୁଡ଼ିକୁ ସଂଗ୍ରହ କରି ପ୍ରଥମେ ଅଣ୍ଡା ଫ୍ରେମରେ ବାନ୍ଧିବାକୁ ହୋଇଥାଏ । ବଳକା ଫେଣାକୁ ମହୁଥାକରେ ବନ୍ଧା ଯାଇଥାଏ ।

ସମୁଦାୟ ଫେଣା ବାହାର କରି ସାରିବା ପରେ ଧୂଆଁ ଦେଇ ରାଣି ମହୁମାଛି ଓ କିଛି ଅନ୍ୟ ମହୁମାଛିମାନଙ୍କୁ ଧରି ଅଣ୍ଡାଥାକ ମଧ୍ୟରେ ଛାଡ଼ି ଦେବାକୁ ହୋଇଥାଏ । ଏହାପରେ ଅନ୍ୟ ମହୁମାଛିମାନେ ମଧ୍ୟ ରାଣିମହୁମାଛି ଆଡ଼କୁ  ଆକର୍ଷିତ ହୁଅନ୍ତି । ସମସ୍ତ ମହୁମାଛିଙ୍କୁ ଫ୍ରେମ ମଧ୍ୟକୁ ଆଣିବା ନିମନ୍ତେ ଦିନସାରା ଅପେକ୍ଷା କରିବାକୁ ହୋଇଥାଏ ।

## ମହୁବାକ୍ସ ରଖିବା ସ୍ଥାନ

ମହୁମାଛି ଧରିବା ପରେ ଏହି ବାକ୍ସକୁ ଛାଇ ଜାଗାରେ ରଖିବାକୁ ହୋଇଥାଏ । ଗୋଳମାଳ ହେଉଥିବା, ଦୁର୍ଗନ୍ଧ ହେଉଥିବା, ଧୂଆଁ ହେଉଥିବା, ଅତ୍ୟଧିକ ଖରା ବା ଶୀତ ହେଉଥିବା ସ୍ଥାନରେ



ମହୁବାକ୍ସ ରଖିବା ଉଚିତ ନୁହେଁ । ମହୁବାକ୍ସଟିକୁ ଷ୍ଟାଣ୍ଡ କିମ୍ବା ଷ୍ଟୁଲ ଉପରେ ରଖାଯାଇପାରେ । ବାକ୍ସ ରଖିବାର ୩/୪ ଦିନପରେ ମହୁମାଛିମାନେ ବାକ୍ସକୁ ଆଦରି ନେଇଥାନ୍ତି ।

## ରୋଗ ଓ ଶତ୍ରୁ

ମହୁମାଛିମାନଙ୍କ ମଧ୍ୟରେ ଏକାରିନ୍ ନାମକ ଏକ ରୋଗ ଦେଖାଯାଇଥାଏ । ଏହି ରୋଗରେ ଆକ୍ରାନ୍ତ ମହୁମାଛି ଉଡ଼ିନପାରି ତଳେ ଘୁଷୁରୀ ଘୁଷୁରୀ ଚାଲିବାର ଦେଖାଯାଏ । ଏହି ରୋଗର ନିରାକରଣ ନିମନ୍ତେ ନଡ଼ିଆକତା ନିଆଁରେ ଗନ୍ଧକ ମିଶାଇ ସପ୍ତାହକୁ ଥରେ କରି ସାତ ଆଠ ଥର ଧୂଆଁ ପ୍ରୟୋଗ କରିବାକୁ ହୋଇଥାଏ । ଫାଉଲ୍‌ବୃଡ ନାମକ ଏକ ରୋଗ ମହୁମାଛିମାନଙ୍କର ଅଣ୍ଡା, ଲାର୍ଭା ଓ ପ୍ୟୁପାକୁ ଆକ୍ରମଣ କରଇଥାଏ । ଏହି ରୋଗ ହେଲେ ମହୁମାଛି ଫେଣା ଛାଡ଼ି ଉଡି ଯାଆନ୍ତି । ମହୁମାଛିମାନଙ୍କୁ ଚିନି ଶିରା ସାଙ୍ଗରେ କିଛି ପରିମାଣର ଟେରାମାଇସିନ୍ ମିଶାଇ ଖାଇବାକୁ ଦେଲେ ଏହି ରୋଗ ହୁଏନାହିଁ । ଏହାଛଡ଼ା ମହୁମାଛିମାନଙ୍କୁ ନୋସେମା ନାମରେ ଏକ ସଂକ୍ରାମକ ରୋଗ ହୋଇଥାଏ । ଏହି ରୋଗରେ ମହୁମାଛିମାନଙ୍କର ଉଡିବା ଶକ୍ତି ହ୍ରାସ ପାଇଥାଏ ଓ ମହୁମାଛିମାନେ ତଳେ ପଡ଼ି ମରିଯାଆନ୍ତି । ଫ୍ୟୁମାଜିଲିନ୍ ନାମକ ଏକ ଔଷଧକୁ ଚିନି ଶିରା ସଙ୍ଗରେ ମିଶାଇ ୧୦ ଦିନ ଖାଇବାକୁ ଦେଲେ ଏହି ରୋଗ ଛାଡ଼ି ଯାଇଥାଏ । ଏହାଛଡ଼ା ମହୁମାଛିମାନଙ୍କୁ ଏକପ୍ରକାର ଝାଡାରୋଗ ମଧ୍ୟ ହୋଇଥାଏ ।

ଏଣ୍ଟୁଅ, କାଇ, ଅସରପା, ଭଅଁର, କଙ୍କି, କୁକୁଡ଼ା, ଜନ୍ଦା, ଝିଟିପିଟି, ବିରୁଡ଼ି, ବୁଢ଼ିଆଣୀ, ବେଙ୍ଗ, ମାଙ୍କଡସା, ପିମ୍ପୁଡି ଆଦି ମହୁମାଛିମାନଙ୍କର ପ୍ରଧାନ ଶତ୍ରୁ ।

## କୃତ୍ରିମ ଖାଦ୍ୟ

ଖାଦ୍ୟାଭାବ ଦେଖାଗଲେ ମହୁମାଛିମାନଙ୍କୁ କୃତ୍ରିମ ଖାଦ୍ୟ ଦିଆଯାଇଥାଏ । ମହୁମାଛିଙ୍କ ସଂଖ୍ୟା ଅନୁସାରେ ପ୍ରତିଦିନ ୧୦୦ ରୁ ୨୫୦ ଗ୍ରାମ୍ ପର୍ଯ୍ୟନ୍ତ ମହୁ କିମ୍ବା ଚିନିଶିରା ଖାଇବାକୁ ଦିଆଯାଇଥାଏ । ଏହି ଅନୁପାତ ଋତୁ ଅନୁସାରେ ବଦଳିଥାଏ, ଗ୍ରୀଷ୍ମଋତୁରେ ସବୁଠାରୁ ଅଧିକ, ବର୍ଷାଋତୁରେ ତା'ଠାରୁ କମ୍ ଓ ଶୀତଋତୁରେ ସବୁଠାରୁ କମ୍ କୃତ୍ରିମ ଖାଦ୍ୟ ଦେବାକୁ ହୋଇଥାଏ ।

## ମହୁ ସଂଗ୍ରହ

ସାଧାରଣତଃ ସକାଳ ଦଶଟା ପୂର୍ବରୁ ମହୁ ସଂଗ୍ରହ କରିବା ଉଚିତ୍ । ମହୁ ସଂଗ୍ରହ ନିମନ୍ତେ ଆବଶ୍ୟକୀୟ ଉପକରଣ ଯଥା ଛୁରୀ, ଛାଣିବା ଜିନିଷ ଓ ବୋତଲ ଆଦି ଭଲଭାବରେ ସଫା କରିବା ଆବଶ୍ୟକ । ମହୁରେ ଯେପରି ପାଣି ଓ ହାତ ନଲାଗିବ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ । ପ୍ରଥମେ ମହୁଫେଣାର ଦୁଇପାଖ ମୁଦକୁ ଛୁରୀ ସାହାଯ୍ୟରେ କାଟିଦେଇ ମହୁଫ୍ରେମକୁ ନିଷ୍କାସନ ଯନ୍ତ୍ର ମଧ୍ୟରେ ରଖି ବୁଲାଇବାକୁ ହୋଇଥାଏ । ପୁନର୍ବାର ଫ୍ରେମକୁ ଓଲଟାଇ ମହୁଯନ୍ତ୍ରକୁ

ବୁଲାଇବାକୁ ହୋଇଥାଏ । ଯନ୍ତ୍ରର ମହୁ ବାହାରିବା ମୁହଁ ତଳେ ଗୋଟିଏ ବୋତଲ ରଖି ମହୁ ସଂଗ୍ରହ କରିବାକୁ ହୁଏ । ମହୁରେ ମିଶିଥିବା ବାହ୍ୟ ପଦାର୍ଥକୁ ଅଲଗା କରିବା ନିମନ୍ତେ ବୋତଲ ଉପରେ ଏକ ଛଣାଯନ୍ତ୍ର ରଖାଯାଇଥାଏ । ଏହାପରେ ମହୁକୁ ଦୁଇଦିନ ପର୍ଯ୍ୟନ୍ତ ସ୍ଥିର ଭାବେ ରଖିଲେ ଏହାର ଫେଣ ଆଦି ସ୍ୱାଭାବିକ ଅବସ୍ଥାକୁ ଆସିଯାଆନ୍ତି ।

ମହୁ ସଂଗ୍ରହ ସମୟରେ ମହୁଫେଣା ସହିତ ଅଣ୍ଡାଫେଣା ଯେଭଳି ନମିଶିବ ଦୃଷ୍ଟିଦେବାକୁ ହୋଇଥାଏ । ଅଣ୍ଡାଥାକ ଫେଣାରୁ ମହୁ ସଂଗ୍ରହ କରିବାକୁ ହେଲେ ସମୟ ସମୟରେ ଏଥିରୁ ଅଣ୍ଡା ମହୁରେ ମିଶିଥାଏ ।



ମହୁ ସଂଗ୍ରହ ନିମନ୍ତେ ମହୁଥାକରେ ଫେଣାଗୁଡ଼ିକ ମହୁମାଛିମାନଙ୍କ ଦ୍ୱାରା ସଂପୂର୍ଣ୍ଣ ବନ୍ଦ ହେବା ଆବଶ୍ୟକ । ଶତକଡ଼ା ଶହେ ଭାଗ ବନ୍ଦ ହୋଇଥିବା ଫେଣାର ମହୁ ଅନେକ ଦିନ ପର୍ଯ୍ୟନ୍ତ ରହିପାରେ, କାରଣ ଏଥିରେ ଜଳୀୟ ଅଂଶ କମ୍ ପରିମାଣର ଥାଏ । କିନ୍ତୁ କମ୍ ବନ୍ଦ ହୋଇଥିବା ଫେଣାରୁ ମହୁ ସଂଗ୍ରହ କଲେ ଏଥିରେ ଅଧିକ ଜଳୀୟ ଅଂଶ ଥିବାରୁ ଏହା ବେଶୀ ଦିନ ରହେ ନାହିଁ ଓ ଚ଼  ଳ ନଷ୍ଟ ହୋଇ ଯିବାର ଭୟ ଥାଏ ।

## ମହୁ ବିଶୋଧନ

ଆଜିକାଲି ବେଶୀ ପରିମାଣର ମହୁକୁ ଯନ୍ତ୍ର ସାହାଯ୍ୟରେ କାରଖାନା ବସାଇ ବିଶୋଧନ କରାଯାଉଅଛି । କିନ୍ତୁ ଅଳ୍ପ ପରିମାଣର ମହୁକୁ ବିଶୋଧନ କରିବା ନିମନ୍ତେ ଗୋଟିଏ ଖୋଲା ମୁହଁ ପାତ୍ରରେ ପାଣି ଗରମ କରି ସେହି ଗରମପାଣି ଭିତରେ ମହୁ ଭର୍  ଧାତବ ପାତ୍ରଟିକୁ ରଖିବାକୁ ହୋଇଥାଏ । ଏହା ଫଳରେ ମହୁରେ ଥିବା ଜୀବାଣୁ, ମହମ ଓ ଅନାବଶ୍ୟକୀୟ ଜଳୀୟ ଅଂଶ ନଷ୍ଟ ହୋଇଥାଏ । ଏହି ମହୁ ଗରମ ଥିବା ଅବସ୍ଥାରେ ଏହାକୁ ବୋତଲରେ ବନ୍ଦ କରି ରଖିବାକୁ ହୋଇଥାଏ । ନଚେତ ଥଣ୍ଡା ହେଲା ପରେ ଏହା ବାୟୁମଣ୍ଡଳରୁ ଜଳୀୟ ବାଷ୍ପ ଗ୍ରହଣ କରିଥାଏ ।



## କେତେକ ମହୁ ବ୍ୟବସାୟୀଙ୍କ ଠିକଣା

୧. ଗ୍ରାମ ମୁଲିଗାଇ କୋ. ଲିମିଟେଡ୍
୫୦, ଏମ୍.ଏସ୍.ଏଚ୍. ଲେଆଉଟ୍,
ଆନନ୍ଦନଗର
ବାଙ୍ଗାଲୋର-୨୪
କର୍ଣ୍ଣାଟକ

୨. ଡାବର ଇଣ୍ଡିଆ କର୍ପୋରେଟ୍ ଅଫିସ୍
କୌସମ୍ଭି,
ଗାଜିଆବାଦ
ଉ  ରପ୍ରଦେଶ

୩. ଡାବର ଇଣ୍ଡିଆ
୯, ଏନ୍.ଏସ୍.ସି. ବୋଷ ରୋଡ଼
ନରେନ୍ଦ୍ରପୁର
୨୪-ପ୍ରଗଣା
ପଶ୍ଚିମବଙ୍ଗ-୭୪୩୫୦୮

୪. କିଶ୍ଲୟ ହର୍ବାଲ ଲିମିଟେଡ୍
୩୦୩, ଅଳାଙ୍କର ଗ୍ମ୍ବର
୨-ଏ, ରାତଲମ୍ କୋଠୀ
ଇନ୍ଦୋର୍-୧
ମଧ୍ୟପ୍ରଦେଶ

୫. ଦି ହିମାଳୟ ଡ୍ରଗ କମ୍ପାନୀ
ମାକାଲୀ
ବାଙ୍ଗାଲୋର- ୫୬୨୧୨୩
କର୍ଣ୍ଣାଟକ

୬.  ରାଜ ଆଣ୍ଡ୍ କମ୍ପାନୀ
ନିୟର୍ ପାର୍ସି ମନ୍ଦିର, ନିମୁଚ୍,
ମଧ୍ୟପ୍ରଦେଶ- ୪୫୮୪୪୧

୭.  ଗୋକୁଳ ଚନ୍ଦ୍ର ସାହୁ
ବାଲିଗୁଡ଼ା ବସ୍‌ଷ୍ଟାଣ୍ଡ
ଫୁଲବାଣୀ

